بِسۡمِ اللّٰہِ الرَّحۡمٰنِ الرَّحِیۡمِ

୧୨ ସେପ୍ଟେମ୍ବର ୨୦୨୫ ଖୁତ୍‌ବା ଜୁମାର ସାରାଂଶ
ସ୍ଥାନ - ମସଜିଦ୍ ମୁବାରକ୍, ଇସଲାମାବାଦ୍ ଟିଲ୍‌ଫୋର୍ଡ୍

# ୮ ହିଜ୍‌ରୀରେ ଘଟିଥିବା କେତେକ ଯୁଦ୍ଧ ଓ ସରିୟାର ପ୍ରାସଙ୍ଗିକତାରେ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ ସ.ଅଙ୍କ ପବିତ୍ର ଜୀବନୀର ବର୍ଣ୍ଣନା ।

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱହ୍‌ଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୌମିଦ୍‌ଦିନ୍ । ଇୟାକା ନାବୁଦୁ ୱ ଇୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ୱଲଜ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରାଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହୁଜୁର ଅନଓ୍ୱର ଅ.ବ କହିଲେ; ହୁନେନ୍ ଯୁଦ୍ଧ ସଂକ୍ରାନ୍ତରେ ଚର୍ଚ୍ଚା ଚାଲିଥିଲା, ତାହାର ଅତିରିକ୍ତ ବର୍ଣ୍ଣନା ଏପରି ଉଲ୍ଲେଖ ରହିଛି ଯେ, ହୁନେନ୍ ଯୁଦ୍ଧରେ ମଧ୍ୟ ଅଲ୍ଲାଃତାଲାଙ୍କ ନିକଟରୁ ଏପରି ସୈନ୍ୟ ବାହିନୀ ଅବତୀର୍ଣ୍ଣ କରାଯାଇଥିଲେ ଯାହାଙ୍କୁ ଫରିସ୍ତାମାନଙ୍କ ଅର୍ଥରେ ତର୍ଜମା କରାଯାଇଥିଲା । ଭାଷ୍ୟକାର ଓ ଜୀବନୀ ଲେଖାଳୀମାନେ ଯୁଦ୍ଧରେ ଫରିସ୍ତାମାନଙ୍କର ଅବତୀର୍ଣ୍ଣ ହେବାକୁ ନେଇ ବିଭିନ୍ନ ତର୍କ କରିଛନ୍ତି । ସଠିକ୍ ବର୍ଣ୍ଣନାରୁ ପ୍ରମାଣିତ ହେଉଛି ଯେ, ସାଧାରଣତଃ ଫରିସ୍ତାମାନେ ଯୁଦ୍ଧରେ ସାମିଲ ହେଉଥିଲେ । ହଁ ଏଠାରେ ଏହା ଏକ ପ୍ରଶ୍ନ ଉଠୁଛି ଯେ, ସାହାଯ୍ୟ କରିବା ସକାଶେ ତ ଜଣେ ଫରିସ୍ତା ଯଥେଷ୍ଟ ତେବେ ସହସ୍ର ସଂଖ୍ୟାରେ ଫରିସ୍ତା ଅବତୀର୍ଣ୍ଣ ହେବାର ଆବଶ୍ୟକତା ବା କ'ଣ ଥିଲା ? ଇମାମ୍ ଇବ୍‌ନେ କସିର୍ ଉଲ୍ଲେଖ କରିଛନ୍ତି ଯେ, ଅଲ୍ଲାଃତାଲାଙ୍କ ନିରକଟରୁ ଫରିସ୍ତାମାନଙ୍କର ଅବତରଣ କରିବା ଓ ମୁସଲମାନମାନଙ୍କୁ ଏହାର ସୂଚନା ଦେବା ଏକ ସୁସମାଚାର ସ୍ୱରୂପ ଥିଲା, ନଚେତ୍ ଅଲ୍ଲାଃତାଲା ତ ଏତଦ୍ ବ୍ୟତୀତ ନିଜ ଶତ୍ରୁମାନଙ୍କ ବିରୁଦ୍ଧରେ ମୁସଲମାନମାନଙ୍କର ସାହାଯ୍ୟ କରିପାରିବେ । ହଜରତ ମସିହ ମଉଦ ଅ.ସ ମଧ୍ୟ ଏହି ପ୍ରସଙ୍ଗ ବର୍ଣ୍ଣନା କରିଛନ୍ତି ଯେ, ପବିତ୍ର କୁରଆନରେ ଫରିସ୍ତାମାନଙ୍କ ସାହାଯ୍ୟ କରିବାର ସୁସମାଚାର ଜନିତ ଘଟଣା ଦରଜ ରହିଛି । ଯଦ୍ଦ୍ୱାରା ବିଶ୍ୱାସକାରୀମାନଙ୍କୁ ଆଶ୍ୱସ୍ତି ଲାଭ ହେବ ଏବଂ ଯୁଦ୍ଧରେ ସେମାନଙ୍କୁ କୌଣସି ପ୍ରକାରର ଭୟ ଘାରିବ ନାହିଁ । ଅତଃ ପବିତ୍ର କୁରଆନରେ ଅଲ୍ଲାଃତାଲା ବିଶ୍ୱାସକାରୀମାନଙ୍କ ସହିତ ଅଙ୍ଗୀକାର କଲେ ଓ ସେମାନଙ୍କୁ ସୁସମାଚାର ପ୍ରଦାନ କଲେ ଯେ, ସେ (ଅର୍ଥାତ୍ ଅଲ୍ଲାଃ) ୫୦୦୦ଫରିସ୍ତାମାନଙ୍କ ଦ୍ୱାରା ତାଙ୍କର ସାହାଯ୍ୟ କରିବେ । ଏହି ସଂଖ୍ୟାକୁ ବୃଦ୍ଧି ଘଟାଇ ଏଥି ସକାଶେ ଦର୍ଶାଇଲେ କାରଣ ଏତଦ୍ ଦ୍ୱାରା ସେମାନଙ୍କ ସକାଶେ ଏହା ସୁସମାଚାର ହେବ ।

ଶତ୍ରୁର ପରାଜୟ ଓ ରଣକ୍ଷେତ୍ରରୁ ପଳାୟନ କରିବା ସଂକ୍ରାନ୍ତରେ ପୂର୍ବରୁ ଏହା ବର୍ଣ୍ଣନା କରାଯାଇ ସାରିଛି ଯେ, ବନୁ ହୱାଜିନ୍ ଯେ କି ବାସ୍ତବରେ ଆରବର ଏକ ଶକ୍ତିଶାଳୀ ଗୋଷ୍ଠୀ ଥିଲା । ଯାହାଙ୍କର ଏହି ଦାବି ଥିଲା ଯେ, ଆଜି ପର୍ଯ୍ୟନ୍ତ ମୁହମ୍ମଦ ସ.ଅଙ୍କର କୌଣସି ଯୁଦ୍ଧ ପ୍ରବୀଣ ଦଳ ସହିତ ମୁହାଁମୁହିଁ ହୋଇ ନାହିଁ, ଆମ ସହିତ ମୁକାବିଲା ହେଲେ ଆମେ ତାଙ୍କୁ ବତାଇବୁ ଯେ, ଯୁଦ୍ଧ କାହାକୁ କୁହାଯାଏ । କିନ୍ତୁ ସ୍ୱଳ୍ପ ସମୟ ମଧ୍ୟରେ ସେମାନେ ପରାଜିତ ହୋଇ ଯୁଦ୍ଧ କ୍ଷେତ୍ରରୁ ଛତ୍ରଭଙ୍ଗ ଦେଲେ । ଆଉ ନିଜ ସ୍ତ୍ରୀପିଲା ଓ ଧନସମ୍ପତ୍ତି ତଥା ଗାଈଗୋରୁ ଇତ୍ୟାଦିକୁ ଛାଡ଼ିଗଲେ । ବନୁ ହୱାଜିନ୍ ଛତ୍ରଭଙ୍ଗ ଦେବା ସତ୍ତ୍ୱେ ତାଙ୍କ ସହଯୋଗୀ ଅର୍ଥାତ୍ ସକିଫ୍ ଦଳ ରଣକ୍ଷେତ୍ରରେ ଅତି ବୀରତାର ସହିତ ତିଷ୍ଠି ରହି ମୁକାବିଲା କରୁଥିଲେ । ଏପରିକି ସେମାନଙ୍କ

ମଧ୍ୟରୁ ୭୦ଜଣ ଲୋକ ନିହତ ହୋଇ ଯାଇଥିଲେ । ତାଙ୍କର ଶେଷ ଧ୍ୱଜାଧାରୀ ଉସମାନ୍ ବିନ୍ ଅବ୍ଦୁଲ୍ଲାଃ ଥିଲା ଯେତେବେଳେ ସେ ନିହତ ହୋଇ ଟଳି ପଡିଲା । ସେତେବେଳେ ସେମାନଙ୍କର ବାକି ବର୍ତ୍ତି ଯାଇଥିବା ଲୋକମାନେ ଯୁଦ୍ଧକ୍ଷେତ୍ର ଛାଡ଼ି ପଳାୟନ କଲେ ।

ଏହି ଯୁଦ୍ଧରେ ଚାରିଜଣ ସାହାବା ଶହିଦ୍ ହୋଇଥିଲେ ସେମାନେ ହେଲେ, ହଜରତ ଉମ୍ମେ ଐମନ୍ ର.ଅଙ୍କର ପୁତ୍ର ଐମନ୍ ବିନ୍ ଉବେଦର.ଅ, ସୁରାକା ବିନ୍ ହାରିସ୍ର.ଅ, ୟଜିଦ୍ ବିନ୍ ଜମାର.ଅ ଓ ହଜରତ ଅବୁ ଆମିର୍ର.ଅ । ଆଉ ଏକ ବର୍ଣ୍ଣନା ଅନୁଯାୟୀ ଯେତେବେଳେ ଅମାନ୍ୟକାରୀମାନେ ପରାଜିତ ହେଲେ ଓ ମୁସଲମାନମାନେ ନିଜ ନିଜ ଶିବିର ମଧ୍ୟକୁ ଚାଲିଗଲେ ସେତେବେଳେ ମୁଁ ମହାଭାଗଙ୍କୁ ଦେଖିଲି ଯେ, ହୁଜୁର ଲୋକମାନଙ୍କ ଗହଣରେ ଚଳପ୍ରଚଳ କରୁଥିଲେ ଓ କହୁଥିଲେ, କିଏ ମୋତେ ଖାଲିଦ୍ ବିନ୍ ୱଲିଦ୍ ନିକଟରେ ପହଞ୍ଚାଇ ଦେବ ? ଆଉ ଯେତେବେଳେ ମହାଭାଗ ତାଙ୍କ ନିକଟରେ ପହଞ୍ଚିଲେ ସେତେବେଳେ ଖାଲିଦ୍ ବାହାନର ପାଲିଙ୍କିର ସାହାରା ନେଇ ବସିଥିଲେ ହୁଜୁରସ.ଅ ତାଙ୍କ ପାଖରେ ବିରାଜିତ ହେଲେ ଓ ନିଜ ପବିତ୍ର ଲାଳ ତାଙ୍କ କ୍ଷତ ସ୍ଥାନରେ ଲଗାଇ ଦେଲେ, **ଯଦ୍ଦ୍ୱାରା ସେ ସ୍ୱାସ୍ଥ୍ୟବାନ ହୋଇଗଲେ ।** ଏତଦ୍ ବୀତ୍ୟତ ସେହି ଯୁଦ୍ଧରେ ହଜରତ ଅବ୍ଦୁଲ୍ଲାଃ ବିନ୍ ଅବି ଔଫ୍, ହଜରତ ଅବୁବକର୍ର.ଅ, ହଜରତ ଉମର୍ର.ଅ, ହଜରତ ଉସମାନର.ଅ ଓ ହଜରତ ଅଲୀର.ଅ ମଧ୍ୟ କ୍ଷତାକ୍ତ ହୋଇଥିଲେ ।

ପ୍ରାରମ୍ଭରେ ଯେତେବେଳେ ହୁନେନ୍ ଯୁଦ୍ଧ କ୍ଷେତ୍ରରୁ କିଛି ମୁସଲମାନ ପଳାୟନ କରିଥିଲେ ଓ ସେମାନଙ୍କ ମଧ୍ୟରୁ କିଛି ମକ୍କା ଚାଲି ଯାଇଥିଲେ ଓ ସେଠାରେ ପହଞ୍ଚି ସେମାନେ ଲୋକମାନଙ୍କୁ କହିଥିଲେ ଯେ, ମୁସଲମାନମାନେ ପରାଜିତ ହୋଇଗଲେ ଏବଂ ହଜରତ ମୁହମ୍ମଦସ.ଅ ନଉଜୁବିଲ୍ଲାଃ ଶହିଦ୍ ହୋଇଗଲେ । ଏହି ଖବର ଶୁଣି ମକ୍କାରେ ରହିଥିବା କେତେକ କପଟବିଶ୍ୱାସୀ ଓ ଯାହାଙ୍କ ମନରେ ଦ୍ୱେଷ ଭାବ ରହିଥିଲା, ସେମାନେ ଅତି ପ୍ରସନ୍ନିତ ହେଲେ ଓ କହିବାକୁ ଲାଗିଲେ ଯେ, ଏବେ ଆରବ ନିଜ ପିତୃପିତାମହଙ୍କ ଧର୍ମ ଆଡ଼କୁ ଫେରି ଆସିବ । କିନ୍ତୁ ସ୍ୱଳ୍ପ ସମୟ ଅତିବାହିତ ହୋଇଥିବ ଯେ, ହୁନେନ୍ ଠାରୁ ଏହି ସୁସମାଚାର ଆସି ପହଞ୍ଚିଲା କି ମୁସଲମାନମାନଙ୍କୁ ବିଜୟ ଲାଭ ହୋଇଛି । ଆଉ ବନୁ ହୱାଜିନ୍ ଦଳ ଅତି ଅପମାନଜନକ ପରାଜୟ ବରଣ କରି ରଣକ୍ଷେତ୍ରରୁ ପଳାୟନ କରିଯାଇଛି ।

ମକ୍କା ବିଜୟର ଆଲୋଚନା କରିବା ପୂର୍ବରୁ ଖୁତ୍‌ବାରେ ସରିୟା ଅଜମ୍‌ର ବ୍ୟାଖ୍ୟାତ୍ମକ ଆଲୋଚନା ଚକ୍ରରେ ଜଣେ ସାହାବି ମୁହଲ୍‌ଲିମ୍ ବିନ୍ ଜାସମାଃ ଏକ ଏପରି ବ୍ୟକ୍ତିକୁ ହତ୍ୟା କରିଦେଲେ ଯିଏକି ଅତିକ୍ରମ କରୁଥିବା ସମୟରେ ତାଙ୍କୁ ଅସ୍‌ସଲାମୁ ଆଲୈକୁମ୍ କହିଥିଲା । ଏହି ଘଟଣାର ଅତିରିକ୍ତ ବ୍ୟାଖ୍ୟା ବର୍ଣ୍ଣିତ ରହିଛି, ତାହା ଏହିକି ଯେ ହୁନେନ୍ ଯୁଦ୍ଧ ପରେ ଯେତେବେଳେ ନବୀଶ୍ରେଷ୍ଠ ତାଇଫ୍ ଅଭିମୁଖେ ପ୍ରସ୍ଥାନ କରୁଥିଲେ, ଏକଦା ନମାଜ ଜୋହର୍ ପରେ ଉୟୈନା ବିନ୍ ହିସନ୍ ନିହତ ହୋଇଥିବା ଆମିର୍ ବିନ୍ ଅଜବାତ୍ ଅଶ୍‌ଜାକୁ ହତ୍ୟା କରିବାର କ୍ଷତିପୂରଣ ଦାବି କରିଥିଲା । ଅକରା ବିନ୍ ହାବିସ ଯିଏକି ମୁହଲ୍‌ଲିମ୍ ବିନ୍ ଜାସମାଃଙ୍କୁ ରକ୍ଷା କରିବାକୁ ଚାହୁଁଥିଲେ, ସେ ଦୁହେଁ ହୁଜୁର ସ.ଅଙ୍କ ସମ୍ମୁଖରେ ବଚସା କରିବା ଆରମ୍ଭ କରିଦେଲେ । ତେବେ ପୁଣ୍ୟଶ୍ଳୋକ ଉୟୈନାର କଥା ଶୁଣିବା ପରେ ତାଙ୍କର ଦିୟତ୍ (କ୍ଷତିପୂରଣ) ଦେବା ନିବେଦନକୁ ଗ୍ରହଣ କରିନେଲେ । ଏହି ନିଷ୍ପତ୍ତି ହେବା ପରେ ମୁହଲ୍‌ଲିମ୍ ଆସି ହୁଜୁର ସ.ଅଙ୍କ ନିକଟରେ ବସି ପଡିଲେ ଓ ତାଙ୍କ ଚକ୍ଷୁରୁ ଅଶ୍ରୁ ନିର୍ଗତ ହୋଇ ଚାଲିଥିଲା । ସେ କହିଲେ; ହୁଜୁର ଆପଣଙ୍କ ନିକଟରେ ଯେଉଁ ଖବର ପହଞ୍ଚିଛି, ସେଥି ସଂକ୍ରାନ୍ତରେ ମୁଁ ଅଲ୍ଲାଃଙ୍କ ଛାମୁରେ କ୍ଷମା ପ୍ରାର୍ଥନା କରୁଅଛି । ମହାଭାଗ ମଧ୍ୟ ମୋ ସକାଶେ କ୍ଷମା ପ୍ରାର୍ଥନା କରନ୍ତୁ । ମହାଭାଗ ପଚାରିଲେ ତୁମ ନାମ କ'ଣ ? ସେ ଉତ୍ତର ଦେଲେ ମୁହଲ୍‌ଲିମ୍ ବିନ୍

ଜାସମାଃ । ହୁଜୁରସ.ଅ ପୁନର୍ବାର କହିଲେ; କ'ଣ ତୁମେ ତାହାକୁ ପ୍ରାରମ୍ଭିକ ଇସଲାମରେ ହତ୍ୟା କରିଦେଲ ଏବଂ ହୁଜୁରସ.ଅ ଉଚ୍ଚ ସ୍ୱରରେ କହିଲେ; ହେ ଅଲ୍ଲାଃ ! ମୁହଲ୍‌ଲିମ୍‌କୁ କ୍ଷମା କରିବ ନାହିଁ ! ଏକଥା ସମସ୍ତେ ଶୁଣିଲେ । ମୁହଲ୍‌ଲିମ୍ ପୁନର୍ବାର ନିବେଦନ କଲେ ହେ ଅଲ୍ଲାଃଙ୍କ ରସୁଲ ! ମୁଁ କ୍ଷମା ଭିକ୍ଷା କରୁଅଛି । ମହାଭାଗ ମୋ ସକାଶେ କ୍ଷମା ପ୍ରାର୍ଥନା କରନ୍ତୁ । କିନ୍ତୁ ହୁଜୁରସ.ଅ ପୁନଶ୍ଚ ଉଚ୍ଚ ସ୍ୱରରେ କହିଲେ; ଯଦ୍ଦ୍ୱାରା ଲୋକମାନେ ଶୁଣି ନିଅନ୍ତୁ ଯେ, ହେ ଅଲ୍ଲାଃ ! ମୁହଲ୍‌ଲିମ୍‌କୁ କ୍ଷମା କରିବ ନାହିଁ ! ସେ ତୃତୀୟ ଥର ନିବେଦନ କଲେ ଓ ମହାଭାଗ ପୁନଶ୍ଚ ସେହି ସମାନ କଥା କହିଲେ, ସେଥିଅନ୍ତେ ମହାଭାଗ ତାଙ୍କୁ କହିଲେ; ମୋ ସମ୍ମୁଖରୁ ଉଠି ଚାଲିଯାଅ । ଇବ୍‌ନେ ଇସହାକ୍ ର.ଅଙ୍କର ଏକ ବର୍ଣ୍ଣନା ମଧ୍ୟ ରହିଛି, ଯାହାକି ତାଙ୍କର ଦଳର ଲୋକମାନେ ବର୍ଣ୍ଣନା କରନ୍ତି ଯେ ପରବର୍ତ୍ତୀ ସମୟରେ ହୁଜୁରସ.ଅ ତାହା ପାଇଁ କ୍ଷମା ପ୍ରାର୍ଥନା ପୂର୍ବକ ଦୁଆ କରିଥିଲେ ।

ସରିୟା ଅଓ୍ୱତାସ୍‌ର ବିସ୍ତୃତ ବର୍ଣ୍ଣନା ଏପରି ଉଲ୍ଲେଖ ରହିଛି, ଯେହେତୁ ବନୁ ହଓ୍ୱାଜିନ୍ ନିଜର ସମସ୍ତ ଧନସମ୍ପତ୍ତି ସ୍ତ୍ରୀପିଲା ଓ ଗାଈଗୋରୁ ଇତ୍ୟାଦି ଧରି ରଣକ୍ଷେତ୍ରକୁ ଚାଲି ଆସିଥିଲେ ଏବଂ ପରାଜିତ ହେବା ପରେ ସ୍ୱୟଂ ଏଣେତେଣେ ପଳାୟନ କରିଥିଲେ । ଆଉ ସେମାନଙ୍କର ସମସ୍ତ ମାଲେ ଗନିମତ୍ (ଧନସମ୍ପତ୍ତି) ମୁସଲମାନମାନଙ୍କ ଅଧିକାରଭୁକ୍ତ ହୋଇଥିଲା । ନବୀଶ୍ରେଷ୍ଠ ହଜରତ ମୁହମ୍ମଦସ.ଅ ହଜରତ ଅବୁ ଆମିର୍ ଅଶରୀ ର.ଅଙ୍କ ନେତୃତ୍ୱରେ ଏକ ସୈନ୍ୟଦଳ ସେହି ପଳାୟନକାରୀଙ୍କ ପଛରେ ଅଓ୍ୱତାସ୍ (କବିଲା) ଅଭିମୁଖେ ପ୍ରେରଣ କରିଥିଲେ । ସେହି ସୈନ୍ୟଦଳରେ ଅବୁ ମୁସା ଅଶରୀର.ଅ ଓ ସଲମାନ୍ ବିନ୍ ଅକୁ ମଧ୍ୟ ସାମିଲ ଥିଲେ । ହଜରତ ଅବୁ ଆମିର୍ ସେଠାରେ ପହଞ୍ଚି ଶତ୍ରୁ ପକ୍ଷକୁ ମୁକାବିଲା ପାଇଁ ଆମନ୍ତ୍ରିତ କରିଥିଲେ । ସେଠାରେ ଶତ୍ରୁ ପକ୍ଷର ଦଶଜଣ ଭାଇ ରହିଥିଲେ ଯିଏକି ଅସାଧାରଣ ଯୁଦ୍ଧ କୌଶଳ ଯୋଗୁଁ ପ୍ରସିଦ୍ଧି ଲାଭ କରିଥିଲେ । ସେହି ଦଶଜଣ ଭାଇ ମୁସଲମାନମାନଙ୍କର ମୁକାବିଲା କରିବାକୁ ବାହାରିଲେ । ଅବୁ ଆମିର୍ ସେମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କର ମୁକାବିଲା କରିବା ପୂର୍ବରୁ ତାଙ୍କୁ ଇସଲାମ ପ୍ରତି ଡ଼ାକରା ଦେଲେ । କିନ୍ତୁ ସେମାନେ ସଂଘର୍ଷ କରିବାକୁ ପ୍ରାଧାନ୍ୟ ଦେଲେ ଓ ସେମାନଙ୍କ ମଧ୍ୟରୁ ପ୍ରତ୍ୟେକ ଗୋଟିଏ ପରେ ଗୋଟିଏ ନିହତ ହୋଇଥିଲେ । ଦଶମ ଭାଇର ଯେତେବେଳେ ପାଳି ପଡିଲା ଓ ତାହାକୁ ଅବୁ ଆମିର୍ ଇସଲାମ ଧର୍ମ ପ୍ରତି ଆମନ୍ତ୍ରିତ କଲେ, ସେ ଇସଲାମ ଧର୍ମ ଗ୍ରହଣ କରିନେଲା ଏବଂ କୁହାଯାଏ ଯେ ସେ ବେଶ ଉତ୍ତମ ମୁସଲମାନ ପ୍ରମାଣିତ ହେଲା । ସେ ଯାହା ହେଉ ଅବୁ ଆମିର୍ ଏପରି ନିର୍ଭିକ ଭାବରେ ଶତ୍ରୁର ମୁକାବିଲା କରିଥିଲେ ଇତ୍ୟାବସରରେ ଏକ ତୀର ଆସି ତାଙ୍କ ବକ୍ଷରେ ପ୍ରବିଷ୍ଟ ହୋଇଗଲା ଓ ଆଉ ଏକ ତୀର ତାଙ୍କ ଆଣ୍ଠୁରେ ବାଜିଲା । ଗଭୀର ଆଘାତ ଯୋଗୁଁ ସେ ବର୍ତ୍ତି ପାରିଲେ ନାହିଁ, ତା'ପରେ ଅବୁ ମୁସା ଅଶରୀ ଶତ୍ରୁର ମୁକାବିଲା କଲେ ଓ ଶତ୍ରୁ ପକ୍ଷ ପରାଜିତ ହୋଇ ସେଠାରୁ ପଳାୟନ କଲା ।

ତତ୍ ପଶ୍ଚାତ ଏକ ସରିୟା ତୁଫେଲ୍ ବିନ୍ ଅମ୍‌ରୋ ଦୌସି ର.ଅଙ୍କ ନେତୃତ୍ୱରେ ସଂଘଟିତ ହୋଇଥିବାର ବର୍ଣ୍ଣନା ମିଳୁଅଛି । ଏହି ସରିୟା ୮ ହିଜ୍‌ରୀରେ ହୋଇଥିଲା । ପୁଣ୍ୟଶ୍ଳୋକ ଯେତେବେଳେ ହୁନେନ୍‌ରୁ ତାଇଫ୍ ଅଭିମୁଖେ ପ୍ରସ୍ଥାନ କଲେ ସେତେବେଳେ ମହାଭାଗ ତୁଫେଲ୍ ବିନ୍ ଅମ୍‌ରୋ ଦୌସି ର.ଅଙ୍କୁ ଜୁଲ୍ କଫିନ୍ ନାମକ ପ୍ରତିମୂର୍ତ୍ତିର ମୂଳୋତ୍ପାଟନ କରିବା ସକାଶେ ପ୍ରେରଣ କରି ଉପଦେଶ ପୂର୍ବକ କହିଲେ; ସେଠାକାର ବାସୀନ୍ଦାଙ୍କୁ ଇସଲାମର ପ୍ରଚାର କରିବ ଅର୍ଥାତ୍ ଇସଲାମୀୟ ନୀତିଶିକ୍ଷାର ତାଲିମ୍ ଦେବ ଓ ଅଲ୍ଲାଃତାଲାଙ୍କୁ ଏପରି ଭୟ କରିବ ଯେପରି ଜଣେ ଶିଷ୍ଟାଚାରୀ ନିଜ ପରିବାରବର୍ଗ ପ୍ରତି ଲଜ୍ଜା କରିଥାଏ । ଯଦି ତୁମ ଦ୍ୱାରା କୌଣସି ତ୍ରୁଟି ଅବା ଅପକର୍ମ ସାଧିତ ହୁଏ ତେବେ ସଙ୍ଗେସଙ୍ଗେ ସତ୍‌କର୍ମ କରିବ । **କାରଣ ପୁଣ୍ୟକର୍ମ ଅପକର୍ମକୁ ଦୂର କରିଦେଇଥାଏ** । ପୁନଶ୍ଚ ମହାଭାଗ କହିଲେ; ନିଜ ଦଳର ଲୋକମାନଙ୍କୁ ସାଥିରେ ନେଇ

ଏହି କାର୍ଯ୍ୟ ସମ୍ପନ୍ନ କରିବା ପରେ ତାଇଫ୍ ବସ୍ତିକୁ ଚାଲି ଆସିବ । ସୁତରାଂ ସେ ନିଜ ଗୋଷ୍ଠୀର ୪୦୦ଜଣ ଲୋକଙ୍କୁ ସାଥିରେ ନେଇ ବାହାରିଗଲେ ଓ କାଠରେ ନିର୍ମିତ ସେହି ପ୍ରତିମାକୁ ନିଆଁ ଲଗାଇ ଜାଳି ଦେଲେ ।

ତାଇଫ୍ ଯୁଦ୍ଧ ମଧ୍ୟ ଶୱାଲ୍ ମାସ ୮ ହିଜ୍‌ରୀରେ ସଂଘଟିତ ହୋଇଥିଲା । ଉକ୍ତ ବସ୍ତି ଏକ ସୁଦୃଢ଼ ଅଞ୍ଚଳରେ ଅବସ୍ଥିତ ଥିଲା, ମହାଭାଗ ହଜରତ ଖାଲିଦ୍ ବିନ୍ ୱଲିଦ୍ [ର.ଅ]ଙ୍କ ଅଧ୍ୟକ୍ଷତାରେ ଏକ ହଜାର ସୈନ୍ୟଦଳ ପ୍ରେରଣ କରିଥିଲେ । ସେମାନେ ସେଠାରେ ପହଞ୍ଚି ତାଇଫ୍‌ବାସୀଙ୍କ ସହିତ ଦ୍ୱିପାକ୍ଷିକ ଆଲୋଚନା କରିବାକୁ ଚେଷ୍ଟା କଲେ । କିନ୍ତୁ ସେମାନେ ଏଥିପାଇଁ ରାଜି ହେଲେ ନାହିଁ । ପରେ ହୁଜୁର[ସ.ଅ] ସ୍ୱୟଂ ତାଇଫ୍ ଚାଲି ଆସିଲେ ଓ ଏକ ଖୋଲା ପଡିଆରେ ଶିବିର ଲଗାଇଲେ । ଇସଲାମୀୟ ସେନାବାହିନୀ ଏଯାବତ୍ ସମ୍ପୂର୍ଣ୍ଣ ରୂପେ ଶିବିର ଲଗାଇ ନଥିଲେ ଯେ, ଅପରପାର୍ଶ୍ୱରୁ ଶତ୍ରୁମାନେ ତୀର ବର୍ଷଣ କରିବା ଆରମ୍ଭ କରିଦେଲେ । ଫଳରେ ଅନେକ ମୁସଲମାନ କ୍ଷତାକ୍ତ ହୋଇଗଲେ, ତେବେ ଏହି ଘେରାଉ ଅବଧିରେ ଉଭୟ ପାର୍ଶ୍ୱରୁ ତୀର ଚାଳନା ଓ ପଥର ନିକ୍ଷେପ କରାଗଲା । ଏଥିରୁ ବର୍ତ୍ତିବା ନିମନ୍ତେ ହୁଜୁର[ସ.ଅ] ମନଜନିକ୍ (କାଠରେ ନିର୍ମିତ ତୋପ) ବ୍ୟବହାର କରି ବଡ ବଡ ପ୍ରସ୍ତରମାନ ନିକ୍ଷେପ କରାଇଲେ । ଇତି ମଧ୍ୟରେ ହୁଜୁର[ସ.ଅ] ତାଇଫ୍‌ବାସୀଙ୍କର ଅଙ୍ଗୁର ବଗିଚା କାଟି ଦେବାକୁ ନିର୍ଦ୍ଦେଶ ଦେଲେ । ମୋର ମନେ ହେଉଛି ଏହା ଶେଷ ରଣନୀତି ଥିଲା, ଯାହାକି ଶତ୍ରୁକୁ ଭୟଭୀତ କରିବା ସକାଶେ ପ୍ରୟୋଗ କରାଯାଇଥିଲା । କାରଣ ପରବର୍ତ୍ତୀ ସମୟରେ ତାହାକୁ ନାକଚ କରି ଦିଆଯାଇଥିଲା । ମହାଭାଗ ଓ ସାହାବାଗଣ ଅଧାମାସ ଅବା ତା’ ଠାରୁ ଅଧିକ ସମୟ ପର୍ଯ୍ୟନ୍ତ ତାଇଫ୍ ଯୁଦ୍ଧରେ ବ୍ୟସ୍ତ ରହିଥିଲେ । କିନ୍ତୁ ହୁନେନ୍ ଯୁଦ୍ଧର ପରାଜୟର ଶତ୍ରୁ ଉପରେ ଏଭଳି ପ୍ରଭାବ ପଡିଥିଲା ଯେ, ଶତ୍ରୁ ପକ୍ଷ ଦୁର୍ଗ ଭିତରେ ରହି ନିଜର ସମସ୍ତ ଗତିବିଧି ଚଳାଇ ଥିଲେ ଓ ଦୁର୍ଗରୁ ପଦାକୁ ବାହାରୁ ନଥିଲେ ।

ପରିଶେଷରେ ମହାମହିମ ହୁଜୁର ଅନଓ୍ୱର[ଅ.ବ] ଦୁଇଜଣ ମୃତକ ଶ୍ରୀମାନ ଡାଃ ସୟଦ ଶାହାବ ଅହେମଦ ସାହେବ (ଯିଏକି ହଜରତ ମସିହ ମଉଦ [ଅ.ସ]ଙ୍କ ସାହାବି ହଜରତ ସୟଦ୍ ଇରାଦତ୍ ହୁସେନ୍, ବିହାର ନିବାସୀଙ୍କ ନାତି) ଥିଲେ ଓ ଶ୍ରୀମାନ ମୁବାରକ୍ ଖୋକର୍ ସାହେବ ଲାହୋର ନିବାସୀଙ୍କର ଉତ୍ତମ ଚରିତ୍ର ଚର୍ଚ୍ଚା କଲେ ଓ ବୈକୁଣ୍ଠରେ ସେମାନଙ୍କ ସ୍ତର ଉର୍ଦ୍ଧ୍ୱଗାମୀ ହେବା ନିମନ୍ତେ ଦୁଆ କଲେ । ଆଉ ସେମାନଙ୍କ ଜନାଯାଃ ଗାଏବ୍ ପାଠ କରିବାର ଘୋଷଣା କଲେ ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ୱ ନସ୍‌ତଇନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଇୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍ଲା ଇଲାହା ଇଲ୍ଲାହୁ ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ୱଲ୍ ଇହ୍‌ସାନି ୱଇତାଇଜିଲ କୁର୍‌ବା ୱୟନ୍‌ହା ଅନିଲ୍ ଫହ୍‌ଶାଇ ୱଲ୍ ମୁନ୍‌କରି ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।

Khulasa Khutba Juma Huzoor Anwar a.b.a

12th September 2025

*Translated to Odia by :* Moulavi Anwar Ahmad Khan